# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 3 October – 2026

***********************************

## ମୁଖ୍ୟ ସମ୍ବାଦ

- ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଖାଲିଥିବା ଅଧ୍ୟାପକ ପଦବୀଗୁଡ଼ିକୁ ନଭେମ୍ବର ମାସ ପୂରଣ କରିବାକୁ ରାଜ୍ୟପାଳଙ୍କ ନିର୍ଦ୍ଦେଶ
- ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ୨୯ଟି ସ୍ଥଳୀରେ ଟୁରିଷ୍ଟ ପୁଲିସ ଓ ୧୦୦ ଲାଇଫ ଗାର୍ଡ ନିଯୁକ୍ତ ହେବେ; କହିଲେ ମୁଖ୍ୟମନ୍ତ୍ରୀ

– ଓଡ଼ିଶା ଟ୍ରାଭେଲ ବଜାରକୁ କଲେ ଉଦ୍‌ଘାଟନ

- ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ୍'କୁ ପୂରିଲା ୧୨ ବର୍ଷ

ଏବଂ

- ଏସୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାରତୀୟ ପୁରୁଷ ହକି ଦଳକୁ ସ୍ୱର୍ଣ୍ଣ ପଦକ; ଖେଳାଳିଙ୍କ ପାଇଁ ୧୧ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ଘୋଷଣା କଲା ହକି ଇଣ୍ଡିଆ

Desk

# ଅଧ୍ୟାପକ ପଦବୀ ପୂରଣ

ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଖାଲି ପଡ଼ିଥିବା ଅଧ୍ୟାପକ ପଦବୀଗୁଡ଼ିକୁ ପୂରଣ ପାଇଁ ଆସନ୍ତା ନଭେମ୍ବର ମାସ ଶେଷ ସୁଦ୍ଧା ପ୍ରକ୍ରିୟା ଶେଷ କରିବାକୁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ନଭେମ୍ବର ପ୍ରଥମ ସପ୍ତାହରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। କୁଳପତିମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ରାଜ୍ୟପାଳ ଅଧ୍ୟାପକ ନିଯୁକ୍ତିରେ ମେରିଟ୍‌କୁ ପ୍ରାଥମିକତା ଦେବା ଏବଂ ସର୍ଟଲିଷ୍ଟିଂ ଓ ଯାଞ୍ଚ ବଦଳରେ ସମସ୍ତ ଯୋଗ୍ୟ ଆବେଦନକାରୀଙ୍କୁ ସାକ୍ଷାତକାରକୁ ଡାକିବାକୁ ପରାମର୍ଶ ଦେଇଛନ୍ତି। ଏହି ବୈଠକ ୧୪ଟି ସରକାରୀ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି...

**- V/O –**

I&PR

# ମୁଖ୍ୟମନ୍ତ୍ରୀ- ଟ୍ରାଭେଲ ବଜାର

ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରର ଦ୍ରୁତ ବିକାଶ ପାଇଁ ସରକାର ଅତ୍ୟାଧୁନିକ ନୀତି ଅନୁଯାୟୀ ଷ୍ଟାର ହୋଟେଲଗୁଡ଼ିକ ପାଇଁ କଠୋରୀ ସଂଖ୍ୟାକୁ ସର୍ବନିମ୍ନ ୫୦ରୁ ହ୍ରାସ କରି ୧୦ କରିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

କହିଛନ୍ତି। ଭୁବନେଶ୍ୱରରେ ଆଜି ଓଡ଼ିଶା ଟ୍ରାଭେଲ ବଜାରର ସପ୍ତମ ସଂସ୍କରଣକୁ ଉଦ୍‌ଘାଟନ କରି ଶ୍ରୀ ମାଝୀ କହିଛନ୍ତି, ପୁଞ୍ଜି ସବ୍‌ସିଡି ସୀମାକୁ ୨୦ କୋଟିରୁ ବୃଦ୍ଧି କରାଯାଇ ସର୍ବାଧିକ ୧୨୦ କୋଟି ଟଙ୍କା ପର୍ଯ୍ୟନ୍ତ କରାଯାଇଛି। ରାଜ୍ୟର ୨୯ଟି ପ୍ରମୁଖ ପର୍ଯ୍ୟଟନସ୍ଥଳୀରେ ଟୁରିଷ୍ଟ ପୁଲିସ ବ୍ୟବସ୍ଥା ଆରମ୍ଭ କରାଯାଉଛି। ସମୁଦ୍ରକୂଳ ଓ ଜଳକ୍ରୀଡ଼ା ସ୍ଥଳୀଗୁଡ଼ିକରେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଓସ୍ୱାଲୀ ମାଧ୍ୟମରେ ୧ ହଜାର ଲାଇଫ ଗାର୍ଡ ନିଯୁକ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O -**

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜଗନ୍ନାଥ ସଂସ୍କୃତିର ମୂଳମନ୍ତ୍ର 'ଅତିଥି ଦେବୋ ଭବ' ଅନୁଯାୟୀ ରାଜ୍ୟକୁ ଆସୁଥିବା ପର୍ଯ୍ୟଟକଙ୍କୁ ଉଚିତ ସମ୍ମାନ ଦେବା ସହ ଓଡ଼ିଶାର ପ୍ରକୃତ ବ୍ରାଣ୍ଡ ଆମ୍ବାସଡର ହେବାକୁ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ସରକାର ସ୍ଥାୟୀ ପର୍ଯ୍ୟଟନ ପାଇଁ ଏକ ସୁଦୃଢ଼ ଏବଂ ଉତ୍ତମ ପରିବେଶ ସୃଷ୍ଟି କରିଛନ୍ତି। ଏହାଦ୍ୱାରା ନିଯୁକ୍ତି ସୃଷ୍ଟି ଓ ଦକ୍ଷତା ବିକାଶ ହେବା ସହ ପର୍ଯ୍ୟଟନ ଅର୍ଥନୀତିରେ ଏକ ସଶକ୍ତ ଯୋଗଦାନ ଦେଇପାରିବ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି। କାର୍ଯ୍ୟକ୍ରମରେ ପୂର୍ବତନ କ୍ରିକେଟ ଖେଳାଳି କପିଲ ଦେବ ଯୋଗଦେଇ କହିଛନ୍ତି, ଓଡ଼ିଶା କେବଳ ପର୍ଯ୍ୟଟନ ନୁହେଁ, ଭାରତର ଅଗ୍ରଣୀ କ୍ରୀଡ଼ା କେନ୍ଦ୍ରସ୍ଥଳୀ ଭାବେ ପରିଣତ ହେଉଛି। ଏହି ଅବସରରେ ଏକାଧିକ ପୋର୍ଟାଲ, ପ୍ରକଳ୍ପର ମଧ୍ୟ ଶୁଭାରମ୍ଭ ହୋଇଥିଲା।

Desk

# ସେବା ସଂକଳ୍ପ ଅଭିଯାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନସେବାକୁ ୨୫ ବର୍ଷ ପୂରଣ ହୋଇଛି । ଜନସେବାରୁ ଦେଶସେବା ମନ୍ତ୍ର ଆଧାରିତ ଜୟଯାତ୍ରା ଏବଂ ଏ ପର୍ଯ୍ୟନ୍ତ ଜାରି ରହିଥିବା ନିରନ୍ତର ଅଙ୍ଗିକାରବଦ୍ଧତାକୁ ଏହା ପ୍ରକାଶ କରୁଛି । ସେବା ଏବଂ ସୁଶାସନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଲାଗି ନିରନ୍ତର କାର୍ଯ୍ୟ କରିଆସୁଛନ୍ତି । ସମାବେଶୀ ବିକାଶ ଏବଂ ସାମାଜିକ ସଶକ୍ତୀକରଣ ଜରିଆରେ ଏହି ଉତ୍ସର୍ଗୀକୃତ ସିଦ୍ଧାନ୍ତ ଜୀବନ୍ତ ରୂପ ନେଇଛି । ସେବା ସଙ୍କଳ୍ପ ଅଭିଯାନର ଏହି ସ୍ୱତନ୍ତ୍ର ଧାରାବାହିକରେ ଆଜି ଆମେ ଆପଣଙ୍କୁ 'ଜାତୀୟ ଶିକ୍ଷାନୀତି-୨୦୨୦' ସମ୍ପର୍କରେ ତଥ୍ୟ ପ୍ରଦାନ କରୁଛୁ ।

କେନ୍ଦ୍ର ସରକାର ଜାତୀୟ ଶିକ୍ଷାନୀତି-୨୦୨୦' ଲାଗୁ ପରେ ଦେଶର ଶିକ୍ଷା କ୍ଷେତ୍ରରେ ଏକ ବ୍ୟାପକ ପରିବର୍ତ୍ତନ ମାର୍ଗ ପ୍ରସ୍ତୁତ ହୋଇଛି । ପାରମ୍ପରିକ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣି ଛାତ୍ରଛାତ୍ରୀଙ୍କୁ ଅଧିକ ଦକ୍ଷତାଭିତ୍ତିକ ଓ ବହୁମୁଖୀ ଶିକ୍ଷା ପ୍ରଦାନ ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଛି । ମାତୃଭାଷାରେ ଶିକ୍ଷା, ବୃତ୍ତିଗତ ଓ ଦକ୍ଷତାଭିତ୍ତିକ ଶିକ୍ଷା, ପ୍ରଯୁକ୍ତିବିଦ୍ୟାର ବ୍ୟବହାର, ଗବେଷଣାକୁ ପ୍ରୋତ୍ସାହନ ଭଳି ବିଭିନ୍ନ ବ୍ୟବସ୍ଥା ମାଧ୍ୟମରେ ଶିକ୍ଷାକୁ ଅଧିକ ସରଳ, ସମାବେଶୀ ଓ ଛାତ୍ରକୈନ୍ଦ୍ରିକ କରିବାର ଲକ୍ଷ୍ୟ ରଖାଯାଇଛି । ଶିଶୁଙ୍କ ଶିକ୍ଷାର ମୂଳଦୁଆକୁ ମଜଭୁତ୍ କରିବା ପାଇଁ

‘ପ୍ରାରମ୍ଭିକ ଶୈଶବ ଯତ୍ନ ଏବଂ ଶିକ୍ଷା’ ଏବଂ ସଂଖ୍ୟାଜ୍ଞାନ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ପରୀକ୍ଷା ବ୍ୟବସ୍ଥାରେ ମଧ୍ୟ ସଂସ୍କାର ଆଣିବାର ଏଥିରେ ପ୍ରସ୍ତାବ ରହିଛି। ଶିକ୍ଷାର ମୂଲ୍ୟାୟନ ପାଇଁ ‘ପରଖ’ ନାମକ ଜାତୀୟ ମୂଲ୍ୟାୟନ କେନ୍ଦ୍ରର ବ୍ୟବସ୍ଥା ରହିଛି। କେନ୍ଦ୍ର ଓ ରାଜ୍ୟ ସରକାର, ଶିକ୍ଷାବୋର୍ଡ ଏନ୍‌ସିଇଆର୍‌ଟି, ଏସ୍‌ସିଇଆର୍‌ଟି ଓ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକର ସମନ୍ୱୟରେ ଏହି ସମସ୍ତ ବ୍ୟବସ୍ଥାକୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯାଉଛି।

Desk

# ମନ୍ କି ବାତ୍-୧୨ ଇୟର୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାସିକ ରେଡ଼ିଓ କାର୍ଯ୍ୟକ୍ରମ ‘ମନ୍ କି ବାତ୍’କୁ ଆଜି ୧୨ ବର୍ଷ ପୂରଣ ହୋଇଛି । ୨୦୧୪ ମସିହାରେ ବିଜୟାଦଶମୀ ଅବସରରେ ଆଜିର ଦିବସରେ ଏହି କାର୍ଯ୍ୟକ୍ରମ ପ୍ରଥମ ସଂସ୍କରଣ ପ୍ରସାରିତ ହୋଇଥିଲା । ମନ୍ କି ବାତ୍‌ର ଇତିମଧ୍ୟରେ ୧୩୮ଟି ସଂସ୍କରଣ ପ୍ରସାରିତ ହୋଇସାରିଛି । ଗତ ୧୨ ବର୍ଷ ମଧ୍ୟରେ ଏହି କାର୍ଯ୍ୟକ୍ରମ ଦେଶବାସୀଙ୍କ ମଧ୍ୟରେ ସକରାତ୍ମକ ପରିବର୍ତ୍ତନକୁ ପ୍ରେରଣା ପ୍ରଦାନ କରିବା ସହିତ ଭାରତର ବିକାଶ ଯାତ୍ରାରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିଆସିଛି ।

S.pur/Boudh/Kendrapada

# ଷୋଳପୂଜା

ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ଆଜିଠାରୁ ଜଗତ୍‌ଜନନୀ ମା’ ଦୁର୍ଗାଙ୍କ ଷୋଳପୂଜା ଆରମ୍ଭ ହୋଇଛି। ପରମ୍ପରା ଅନୁସାରେ ପୁରୀ ଶ୍ରୀକ୍ଷେତ୍ରରେ ଏହି ଅବସରରେ ଶ୍ରୀନଅରରେ ଗଜପତିଙ୍କ ରାଜଗୁରୁ ବ୍ରାହ୍ମଣମାନଙ୍କୁ ବରଣ କରିଥିଲେ। ଶ୍ରୀମନ୍ଦିରରେ ମାଆ ବିମଳାଙ୍କ ପୀଠ ସହିତ ମାଆ ମା’ ଭୁବନେଶ୍ୱରୀ, ବାଟମଙ୍ଗଳା, ଉତ୍ତରାୟଣୀ, ଦକ୍ଷିଣକାଳୀ, ଆଲମଚଣ୍ଡୀଙ୍କ ପୀଠରେ ଷୋଳପୂଜା ନୀତି ଆରମ୍ଭ ହୋଇଛି। ଶ୍ରୀମନ୍ଦିରରେ ସକାଳ ଧୂପ ପରେ ମାଆ ଦୁର୍ଗାଙ୍କ ସ୍ୱର୍ଣ୍ଣପ୍ରତିମା ରତ୍ନସିଂହାସନରେ ବିଜେ କରାଯାଇଛି। ମାଆ ସୁଭଦ୍ରାଙ୍କ ଆଜ୍ଞାମାଳ ଦୁର୍ଗାଙ୍କୁ ଲାଗି କରାଯିବା ପରେ ଦେବୀଙ୍କ ସହସ୍ର କୁମ୍ଭାଭିଷେକ ନୀତି ଅନୁଷ୍ଠିତ ହୋଇଛି। ଶ୍ରୀମନ୍ଦିରରେ ଆଜି ମୂଳାଷ୍ଟମୀ ସହ ଦୁର୍ଗାମାଧବ ଉପାସନା ନୀତି ମଧ୍ୟ ପାଳନ କରାଯାଉଛି।

ବୌଦ୍ଧ ଜିଲ୍ଲାର ଐତିହାସିକ ଶକ୍ତିପୀଠ ପୁରୁଣା କଟକଠାରେ ମା’ ଭୈରବୀଙ୍କ ସମେତ ଜିଲ୍ଲାର ଅନେକ ସ୍ଥାନରେ ମା’ ମହେଶ୍ୱରୀଙ୍କ ଷୋଳପୂଜା ଆରମ୍ଭ ହୋଇଛି। ଆଜିଠାରୁ ମା’ଙ୍କର ଷୋଳପୂଜା ପାଇଁ ଖଣ୍ଡାବସା ପର୍ବ ମଧ୍ୟ ଆରମ୍ଭ ହୋଇଛି।

ନୟାଗଡ଼ ଜିଲ୍ଲାର କଣ୍ଟିଲୋ ନୀଳମାଧବଙ୍କ ମନ୍ଦିରରେ ଷୋଡ଼ଶ ଦିନାତ୍ମକ ଦୁର୍ଗାମାଧବ ପୂଜା ଆରମ୍ଭ ହୋଇଛି। ପୂଜାର୍ଚ୍ଚନା ପରେ ଦେବୀଙ୍କୁ ନୀଳମାଧବଙ୍କ ନିକଟରେ ସ୍ଥାପନ କରାଯାଇଛି। ଖଣ୍ଡପଡ଼ାର ଅନ୍ୟାନ୍ୟ ଶକ୍ତିପୀଠମାନଙ୍କରେ ମଧ୍ୟ ଷୋଡ଼ଶ ଦିନାତ୍ମକ ପୂଜା ଆରମ୍ଭ ହୋଇଛି।

ସୁବର୍ଣ୍ଣପୁର ଜିଲ୍ଲାରେ ମା’ ସୁରେଶ୍ୱରୀଙ୍କ ସମେତ ଶତାଧିକ ମାହେଶ୍ୱରୀ ପୀଠରେ ଖଣ୍ଡାଧୁଆ ଓ ଖୁଣ୍ଡାବସା ପର୍ବ ଅନୁଷ୍ଠିତ ହୋଇଛି ।

Nayagada

## ସେବା ସଂକଳ୍ପ– ସ୍ୱାସ୍ଥ୍ୟ ଶିବିର

ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକର ସିଂଘାପଡ଼ା ଉଚ୍ଚବିଦ୍ୟାଳୟଠାରେ ସେବା ସଂକଳ୍ପ ଅଭିଯାନ ଅନ୍ତର୍ଗତ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଗ୍ରାମାଞ୍ଚଳର ଲୋକଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଁଞ୍ଚାଇବା ଏବଂ ସଚେତତନା ସୃଷ୍ଟି  ଉଦ୍ଦେଶ୍ୟରେ ଏହି ଶିବିର ଆୟୋଜିତ ହୋଇଥିଲା ।

Kendrapada

## ସ୍ୱଚ୍ଛତା ହିଁ ସେବା

କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ମଣ୍ଡଳୀ ଅନ୍ତର୍ଗତ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଉପଲକ୍ଷେ ଦେଶବ୍ୟାପୀ ଆୟୋଜିତ ହେଉଥିବା ସେବା ସଂକଳ୍ପ ଅଭିଯାନର ଏହା ଅଂଶବିଶେଷ ।

Bhadrak

## ନିଶାମୁକ୍ତ ଭାରତ

ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀ ବ୍ଲକ ମଣିନାଥପୁର ବିଦ୍ୟାଳୟରେ ସାଇବର ସୁରକ୍ଷା ଓ ନିଶାମୁକ୍ତ ଭାରତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପୁଲିସ ଅଧିକାରୀ, ଶିକ୍ଷକ

ଶିକ୍ଷୟିତ୍ରୀ ଯୋଗଦେଇ ନିଶାଦ୍ରବ୍ୟ ବ୍ୟବହାରର କୁପ୍ରଭାବ ନେଇ ସଚେତନତା, ସାଇବର ଅପରାଧ ରୋକିବା, ବିକଶିତ ଭାରତ ଗଠନରେ ସଂକଳ୍ପ ନେବାକୁ ପରାମର୍ଶ ଦେଇଥିଲେ ।

BBSR/R

## ପ୍ରମୋ ରନ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର ହାତୀସୁଆଣୀ ପଡ଼ିଆଠାରେ ଆସନ୍ତାକାଲି ଭୁବନେଶ୍ୱର ପ୍ରମୋ ରନ୍ କାର୍ଯ୍ୟକ୍ରମର ଆୟୋଜନ କରାଯିବ । ସକାଳ ସାଢ଼େ ୬ଟାରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେବେ ।

Desk

# ଏସିଆନ୍ ଗେମ୍ସ

ଜାପାନରେ ଚାଲିଥିବା ଏସୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାରତୀୟ ପୁରୁଷ ହକି ଦଳ ସ୍ୱର୍ଣ୍ଣପଦକ ହାସଲ କରିଛି । ଆଜି ଭାରତୀୟ ଦଳ ଫାଇନାଲରେ ମାଲେସିଆକୁ ୪-୧ ଗୋଲ୍‌ରେ ପରାସ୍ତ କରି ଏହି ସଫଳତା ହାସଲ କରିଛି । ଭାରତ ପକ୍ଷରୁ ହରମନପ୍ରୀତ ସିଂହ ଦୁଇଟି ଗୋଲ୍ ଏବଂ ଯୁଗରାଜ ସିଂହ, ହାର୍ଦ୍ଦିକ ସିଂ ଓ ଓଡ଼ିଶାର ଶିଳାନନ୍ଦ ଲାକ୍ରା ଗୋଟିଏ ଲେଖାଏଁ ଗୋଲ୍ କରିଥିଲେ । ଭାରତ ବିଜୟୀ ହେବା ସହ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଛି । ବିଜୟୀ ଦଳର ପ୍ରତ୍ୟେକ ଖେଳାଳିଙ୍କୁ ୧୧ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ଦିଆଯିବା ସହ କୋଚ୍ ଓ ସପୋର୍ଟ ଷ୍ଟାଫ୍‌ଙ୍କୁ

ସାଢ଼େ ୫ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ଦିଆଯିବ ବୋଲି ହକି ଇଣ୍ଡିଆର ଅଧ୍ୟକ୍ଷ ଦିଲ୍ଲୀପ ତିର୍କୀ କହିଛନ୍ତି ।

ଏହା ପୂର୍ବରୁ ପୁରୁଷ ଟି-୨୦ କ୍ରିକେଟ୍ ବର୍ଗରେ ଭାରତ ଆଜି ସ୍ୱର୍ଣ୍ଣପଦକ ହାସଲ କରିଥିଲା । ଫାଇନାଲ ମ୍ୟାଚ୍‌ରେ ପାକିସ୍ତାନକୁ ୧୯ ରନ୍‌ରେ ପରାସ୍ତ କରି ଭାରତୀୟ ଦଳ ଏହି ସଫଳତା ପାଇଛି ।

Subarnpur

## ସାହାଣୀ କପ

ସୁବର୍ଣ୍ଣପୁର ଜିଲ୍ଲା ଗାନ୍ଧି ଷ୍ଟାଡିୟମରେ ଚାଲିଥିବା ୬୫ତମ ସାହାଣୀ କପ ଫୁଟବଲ ଲିଗ୍‌ର ଜୋନାଲସ୍ତରୀୟ ଫୁଟବଲ ପ୍ରତିଯୋଗିତାର ଅନ୍ତିମ ଦିନରେ ବରଗଡ଼ ଓ କଟକ ମଧ୍ୟରେ ହୋଇଥିବା ମ୍ୟାଚ୍‌ରେ କଟକ ଦଳ ୧-୦ ଗୋଲ୍‌ରେ ବିଜୟୀ ହୋଇଛି । ମ୍ୟାଚ୍‌ର ବିଜୟୀ ଦଳ ଓ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଖେଳାଳିଙ୍କୁ ଅତିଥିମାନେ ପୁରସ୍କୃତ କରିଛନ୍ତି ।